# Akashvani, Sambalpur

## SAMBALPURI NEWS BULLETIN

### 31 May 2025- 6.47- 6.52 am.

*********************************************

ମାଦକ ଦ୍ରବ୍ୟ ନିରୋଧୀ ସଚେତନ୍‌ତା ଅଭିଯାନ/ ଆର୍‌ଏନ୍‌ୟୁ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ନିଶା ଦ୍ରବ୍ୟ, ଅପମିଶ୍ରିତ ଆଉ ବିଷାକ୍ତ ମାଦକ ଦ୍ରବ୍ୟ ନିରୋଧୀ ସଚେତନ୍‌ତା ଅଭିଯାନ୍ 'ଆମ ସଂକଳ୍ପ'ର ଶୁଭାରମ୍ଭ କର୍‌ବେ । "ଆଏଜ୍ ହିଁ ସଂକଳ୍ପ ନେମା, ନିଶା ନାଇଁ ଜୀବନ୍‌କେ ବାଛ୍‌ମା" ବାର୍ତା ନେଇକରି ସାରା ରାଏଜେ ଇ ଅଭିଯାନ୍ ଆଏଜ୍‌ଠାନୁ ମୁଲ୍ ହେଉଛେ । କାର୍ଯ୍ୟକ୍ରମ୍‌ଥି ଆଇନ୍ ପୂର୍ତ ଆଉ ଅବକାରୀ ବିଭାଗ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଭିଲ୍ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ସୁପର୍ ସ୍ପେଶାଲିଟି ହସ୍ପିଟାଲ-ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ବୁର୍ଲା ଭିମ୍‌ସାର୍ ଠାନେ ଅତ୍ୟାଧୁନିକ୍ ସୁପର୍ ସ୍ପେଶାଲିଟି ହସ୍ପିଟାଲ୍ ଉଦ୍‌ଘାଟନ୍ ହେବାର୍ ସହେତେ ପର୍ଶ୍ଚିମ ଓଡ଼ିଶା ସଙ୍ଗେ ସାରା ଓଡ଼ିଶାର୍

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁଟେ ନୂଆଁ ଅଧ୍ୟାୟ ଜୁଡ଼ି ହେଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ସେ କହିଛନ୍, ଲୁକ୍‌କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଦେବାର୍ ଦିଗେ ରାଜ୍ୟ ସର୍‌କାର୍ ନିଜର୍ ପ୍ରତିବଦ୍ଧତାକେ ଫେର୍‌ଘାଏ ଦୋହରେଇଛନ୍ । ଇ କୋଠା ରାଜ୍ୟର୍ ଜନସ୍ୱାସ୍ଥ୍ୟ ସେବାର୍ ଭିତିଭୂମିକେ ଆହୁରି ବର୍‌କସ୍ କର୍‌ବା ବଲି ଭିମ୍‌ସାର୍ ସୁପର୍ ସ୍ପେଶାଲିଟି ହସ୍ପିଟାଲ୍ କୋଠା ଉଦ୍‌ଘାଟନ୍ ହେବାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ୍ ଜରିଏ କହିଛନ୍ ।

ବର୍ଷା କ୍ଷୟକ୍ଷତି ଆକଳନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର/I&PR

ରାଏଜେ ଲାଗି ରହିଥିବା ଲଘୁଚାପ୍ ବର୍ଷାରେ ହେଇଥିବା ଫସଲ୍ ଆଉ ଘର୍ ଦୁଆର୍ ନୁକ୍‌ସାନ୍‌ର ଜଲ୍‌ଦି ଆକଳନ୍ କରାଯାଇକରି କ୍ଷତିପୂରଣ୍ ଦିଆଯିବା ବଲି  ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ସେ କହିଛନ୍, ରାଜସ୍ୱ ଆଉ କୃଷି ବିଭାଗ୍ ତର୍‌ଫୁ ମିଲିତ୍ ଭାବେ ବର୍ଷା କ୍ଷୟକ୍ଷତିର୍ ଆକଳନ୍ କରାଯିବା । ଜିଲ୍ଲାପାଲ୍‌ମାନେ ରିପୋର୍ଟ ଦାଖଲ୍ କଲା ଉତ୍‌ରୁ ତୁର୍‌ତି କ୍ଷତିପୂରଣ୍ ଦିଆଯିବା ବଲି ଗଲାକାଏଲ୍ ହେଇଥିବା ବିଭାଗ୍‌ର ସମୀକ୍ଷା ବୈଠକ୍ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ସେଆଡ଼େ ସମ୍ବଲ୍‌ପୁର୍ ଜିଲ୍ଲା ନ ଗଲା ୨ ଦିନ୍ ହେଲା କୃଷି ବିଭାଗ୍ ତର୍‌ଫୁ ଧାନ୍ ଚାଷ୍‌ର ନୁକ୍‌ସାନ୍ ବାବ୍‌ଦେ ଆକଳନ୍ କର୍‌ବାର୍ ଲାଗି ସର୍ଭେ ଜାରି

ରହିଛେ । ପ୍ରାଥମିକ୍ ରିପୋର୍ଟ ଅନ୍‌ସାରେ ଜିଲ୍ଲାର୍ ୧୨ ଶହ ୮୧ ହେକ୍ଟର୍ ଫସଲ୍ ନୁକ୍‌ସାନ୍ ହେଇଥିବାର୍ ସୂଚ୍‌ନା ମିଲିଛେ ।

ଜାତୀୟ ଲକ୍ଷପତି ଦିଦି ସମ୍ମିଲନୀ ଉଦ୍‌ଯାପିତ୍ /ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଠାନେ ଚାଲିଥିବା ୨ ଦିନିଆ ଜାତୀୟ ଲକ୍ଷପତି ଦିଦି ସମ୍ମିଲନୀ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଇ ଅବ୍‌ସରେ ଓଡ଼ିଶା ୧୬ ଲାଖ୍‌ନୁ ଅଏତ୍‌କା ଗ୍ରାମୀଣ୍ ମହିଲା ବଛର୍‌କ ଲାଖେ ଟଙ୍କା ଆର୍ ତାର୍‌ନୁ ଅଏତ୍‌କା କମାନି କରିଥିବା ସଫଲତାକେ ପ୍ରଦର୍ଶନ୍ କରାଯାଇଥିଲା । ଇ ସମିଆଥି ଡିଜିଟାଲ୍ ବଜାର୍ ପ୍ରବେଶ୍ ଆଉ ସ୍ଥାୟୀ ଜୀବିକା ସମ୍ପ୍ରସାରଣ୍ ଲକ୍ଷ୍ୟଥି ଓପନ୍ ନେଟ୍‌ୱର୍କ ଫର୍ ଡିଜିଟାଲ୍ କମର୍ସ - ଓଏନ୍‌ଡିସି ଆଉ ଇଣ୍ଡଷ୍ଟ୍ରି ଫାଉଣ୍ଡେସନ୍ ସଙ୍ଗେ ୨ ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଥିଲା ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଠାନେ ଆଏବା ୨ ତାରିଖ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଅଭିଯୋଗ୍ ଶୁଣାଣି ତାରିଖ୍ ସାଧାରଣ୍

ଲୁକ୍‌କୁ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଶୀତଲ୍‌ଷଷ୍ଠୀ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାଥି ଆଏଜ୍ ଦେବଦେବ ମହାଦେବ କନ୍ୟାପକ୍ଷ ଘର୍‌କେ ବରାତି ଯିବେ ଆର୍ ବ୍ରାହ୍ମମୁହୂର୍ତ୍ତଥି ଦେବଦମ୍ପତିଙ୍କର୍ ଲୌକିକ ବିହା ହେବା । ଆଏବା କାଏଲ୍ ଅଧାରାତି ଦେବଦମ୍ପତି ନଗର୍ ପରିକ୍ରମା ଯାତ୍ରାଥି ବାହାରିକରି ୨ ତାରିଖ୍ ଉପର୍‌ବେଲା ନିଜର୍ ନିଜର୍ ମନ୍ଦିର୍‌କେ ଫିର୍‌ବେ ।
ସେଆଡ଼େ ଗଲାକାଏଲ୍ ଝାଡୁଆପଡ଼ାର ଶ୍ରୀ ଶ୍ରୀ ଲୋକ୍‌ନାଥ ବାବା ଆର୍ ମୁଦିପଡ଼ାର ଶ୍ରୀ ଶ୍ରୀ ଜାଗେଶ୍ୱର୍ ବାବା ଆର୍ ସହରର୍ ଅଲ୍‌ଗା ଅଲ୍‌ଗା ଶୀତଲ୍‌ଷଷ୍ଠୀ ଯାତ୍ରୀ କମିଟି ତର୍‌ଫୁ ଶିବମନ୍ଦିର୍ ମାନ୍‌କେ ମହାଦେବଙ୍କର୍ ବିହା ଲାଗି ହନୁମାନ୍ ଅଲ୍‌ଗା ଅଲ୍‌ଗା ଶୋଭାଯାତ୍ରାଥି ଯାଇକରି ଦେବବିବାହଥି ଯୋଗ୍ ଦେବାର୍ ଲାଗି ନିଉତା ଦେଇଛନ୍ ।

ୟୁନିକ୍ ଫାର୍ମର୍ ଆଇଡି ଆର୍‌ଏନ୍‌ୟୁ/ ସମ୍ବଲପୁର

ଚାଷୀମାନ୍‌କୁ ଏତ୍‌କର ଅନନ୍ୟ ଚାଷୀ ପରିଚୟ ପତ୍ର ୟୁନିକ୍ ଫାର୍ମର୍ ଆଇଡି ଦିଆଯିବା । ଇଥି ଆଧାର୍ ନମ୍ବର୍ , ମୋବାଇଲ୍ ନମ୍ବର୍ ସହେତେ ଚାଷୀମାନ୍‌କର୍ ଜମି ମାଲିକାନାର୍ ସବୁ ତଥ୍ୟ ରହେବା । ଇ ପରିଚୟ ପତ୍ର ଥିବା ଚାଷୀମାନ୍‌କୁ ସହଜେ ଭିନ୍ ଭିନ୍ ସର୍‌କାରୀ ସାହାଜ୍ ମିଲିପାର୍‌ବା । ହେଲେ ଇଥିର୍‌ଲାଗି ପଞ୍ଜିକରଣ୍ ବାଧ୍ୟତାମୂଲକ୍ କରାଯାଇଛେ ।

ରେଡ଼ିଓ ଯନ୍ତ୍ର ତାଲିକା-ମାର୍ଗଦର୍ଶିକା ଆର୍‌ଏନ୍‌ୟୁ/ ସମ୍ବଲପୁର

ବେଆଇନ୍ ରେଡ଼ିଓ ଯନ୍ତ୍ର ତାଲିକା ଆଉ ବିକ୍ରି ଉପ୍‌ରେ କେନ୍ଦ୍ର ସର୍‌କାର୍ ମାର୍ଗଦର୍ଶିକା ଜାରି କରିଛନ୍ । ଇତାର୍ ଅନ୍‌ସାରେ ଇ-କମର୍ସ ପ୍ଲାଟ୍‌ଫର୍ମ - ୨୦୨୫ ଥି ଓ୍ୱାକିଟକି ଆଉ ଅଲ୍‌ଗା ଯନ୍ତ୍ରାଂଶ ବିକ୍ରି ଲାଗି ସ୍ୱତନ୍ତ୍ର ଆଇନ୍ ଜାରି କରାଯାଇଛେ । ୧୬ ହଜାର୍ ୯ ଶହ ୩୦ ରେଡ଼ିଓ ଯନ୍ତ୍ର ତାଲିକାକେ ଅନୁଧ୍ୟାନ୍ କରିକରି ଇ-କମର୍ସ ପ୍ଲାଟ୍‌ଫର୍ମକେ କେନ୍ଦ୍ର ଖାଉଟି ସୁରକ୍ଷା ଅଧିକାରୀଙ୍କର୍ ତର୍‌ଫୁ ନୋଟିସ୍ ଜାରି କରାଯାଇଛେ ।

ବିଶ୍ୱ ତମାଖୁ ବର୍ଜନ୍ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ତମାଖୁ ବର୍ଜନ୍ ଦିବସ୍ । ଲୁକକୁ ତମାଖୁ ସେବନ୍ ଲାଗି ହେଉଥିବା ସ୍ୱାସ୍ଥ୍ୟ ହାନୀ ବାବ୍‌ଦେ ସଚେତନ୍ କରାବାର୍ ଲାଗି ବିଶ୍ୱ

ସ୍ୱାସ୍ଥ୍ୟ ସଂଗଠନ୍ ତରଫୁ ୧୯୮୮ ମସିହାନୁ ଆଝିର୍ ଦିନ୍‌କେ ୱ୍ୱାର୍ଲ୍ଡ ନୋ ଟୋବାକୋ ଡେ ଭାବେ ସାରା ପୁର୍‌ଥି ନ ପାଲନ୍ କରାଯାଉଛେ । ଇ ବଛ୍‌ରର୍ ତମାଖୁ ବର୍ଜନ ଦିବସ୍‌ର ବିଷୟ ହେଉଛେ ‘ଅପିଲ୍‌କେ ଉଜାଗର୍ କରିକରି ତମାଖୁ ଆଉ ନିକୋଟିନ୍ ଦରବ୍ ଉତ୍ପାଦନ୍ କରୁଥିବା ଉଦ୍ୟୋଗ୍ ମାନ୍‌କର୍ ରଣନୀତିକେ ଜନାବାର୍’ । ଇ ଦିବସ୍ ଅବ୍‌ସରେ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ସଚେତନତା କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଉଛେ ।

ଭୁବ୍‌ନେଶ୍ୱର୍ ଆବୁଧାବୀ ବିମାନ୍‌ସେବା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୧୨ ତାରିଖ୍‌ନୁ ଭୁବ୍‌ନେଶ୍ୱର୍ ଅନ୍ତର୍ଜାତୀୟ ବିମାନ୍ ବନ୍ଦର୍‌ନୁ ୟୁନାଇଟେଡ୍ ଆରବ୍ ଏମିରେଟ୍ସ - ୟୁଏଇ ର ରାଜ୍‌ଧାନୀ ଆବୁଧାବୀକେ ସିଧାସଲଖ୍ ବିମାନ୍‌ସେବା ମୁଲ୍ ହେବା । ରାଜ୍ୟ ସର୍‌କାର୍‌ର ବଛର୍ ପୂର୍ତି ଅବ୍‌ସରେ ଇ ବିମାନ୍ ସେବା ମୁଲ୍ ହେବା । ବିମାନ୍ ବନ୍ଦର୍ କର୍ତୃପକ୍ଷଙ୍କର୍ ସୂଚ୍‌ନା ଅନ୍‌ସାରେ ଇଣ୍ଡିଗୋର ଗୁଟେ ବିମାନ୍ ହପ୍ତାକ ୩ ଦିନ୍ ଭୁବ୍‌ନେଶ୍ୱର୍‌ନୁ ଆବୁଧାବିକେ ଚଲାଚଲ୍ କର୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍ ସାଗର୍ ନ ହେଇଥିବା ଅବପାତ ଦୁର୍ବଲ୍ ହେଇକରି ଲଘୁଚାପ୍‌ଥି ବଦ୍‌ଲିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଉତର୍‌ପୂର୍ବ ଇଲାକା ନ ଜବର୍ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ରାଜ୍ୟର୍ ୧୨ ଟା ଜିଲ୍ଲା ନ ଧୁକାଗର୍ଡ଼ି ସହେତେ ଘଡ଼୍‌ଘଡ଼ି ଆର୍ ବର୍ଷା ହେଇପାରେ ।